## ସଂକ୍ଷେପରେ

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଖଜୁରିପଡ଼ା,୩୦।୯(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଛି। କୌଣସି କାରଣରୁ ଜିଲାପାଳ ଶିବିରରେ ଉପସ୍ଥିତ ନ ରହିବାରୁ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ବ୍ଲକ ଗସ୍ତରେ ଆସି ଶିବିରରେ ୧୬୬ ଅଭିଯୋଗ ଗ୍ରହଣ କରିଥିଲେ। ଏଥିରୁ ବ୍ୟକ୍ତିଗତ ଅଭିଯୋଗ ୧୫୩ ରହିଥିବା ବେଳେ ସାମୂହିକ ଅଭିଯୋଗ ୧୩ ରହିଛି। ସେଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ଅତ୍ୟଧିକ ଅଭିଯୋଗ କରିଛନ୍ତି ବୋଲି ବରିଷ୍ଠ କିରାଣି ପବିତ୍ର କୁମାର ମହାପାତ୍ର ସୂଚନା ଦେଇଛନ୍ତି। ବିଡିଓ ଜଜ୍ ଡୁଙ୍ଗଡୁଙ୍ଗ ଶିବିର ପରିଚାଳନା କରିଥିଲେ। ଆରକ୍ଷୀ ଅଧିକାରୀ ଶୁଭେନ୍ଦୁ କୁମାର ପାତ୍ର, ଉପଜିଲାପାଳ ଚିତ୍ତରଞ୍ଜନ ମହନ୍ତ, ପିଏଆଇଟିଡିଏ ଦେବଯାନୀ ଭୂୟାଁ, ତହସିଲଦାର ସୌମ୍ୟରଞ୍ଜନ ପାତ୍ର, ବ୍ଲକ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲ, ଯୋଗାଣ ନିରୀକ୍ଷକ ପ୍ରୀତିରଞ୍ଜନ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଶୁଭସ୍ମିତା ନାଥ, କନିଷ୍ଠ ଯନ୍ତ୍ରୀ ରବି ନାରାୟଣ, ଥାନା ଅଧିକାରୀ ଚାପଧାରୀ ଉପସ୍ଥିତ ଥିଲେ।

### କବି ସମ୍ରାଟ୍ ମିଡିଆ କ୍ଲବର ବାର୍ଷିକ ଉତ୍ସବ

ଭଞ୍ଜନଗର,୩୦।୯(ବାବୁଲା ପ୍ରଧାନ): ଭଞ୍ଜନଗର କବି ସମ୍ରାଟ୍ ମିଡ଼ିଆ କ୍ଲବର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ବନ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଡିପିଓ ଗୌରୀ ଶଙ୍କର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାମୂଳକ ଦୁନିଆରେ ଗଣମାଧ୍ୟମ ପ୍ରତିନିଧିମାନେ କିଭଳି କାର୍ଯ୍ୟ କରୁଛନ୍ତି ସେ ସମ୍ପର୍କରେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଖବରଦାତା ରବୀନ୍ଦ୍ର ପାତ୍ର, ପ୍ରେସ କ୍ଲବ ସଭାପତି ଲୋକନାଥ କର, ସମ୍ପାଦକ ବାବୁଲା ପ୍ରଧାନ, ସୁଶାନ୍ତ ସାହୁ, ରବୀନ୍ଦ୍ର ଗୌଡ ଉପସ୍ଥିତ ଥିଲେ। ସଭାପତି ପ୍ରଦୀପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଚିନ୍ମୟ କୁମାର ବେବର୍ତ୍ତା ବିବରଣୀ ପାଠ କରିଥିଲେ। ଉପ ସଭାପତି ପୁରୁଷୋତ୍ତମ ମହାପାତ୍ର ସଂଯୋଜନା କରିଥିବା ବେଳେ ଉପଦେଷ୍ଟା ଦଣ୍ଡପାଣି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅଞ୍ଚଳର ଖବରକାଗଜ ବିତରକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସାଇବର ଆଇନ ସଚେତନତା କାର୍ଯ୍ୟକ୍ରମ

ଚାନ୍ଦିପୁଟ,୩୦।୯(କେ.ପ୍ରମୋଦ କୁମାର ଦୋରା)

ଚାନ୍ଦିପୁଟ ଇନ୍ଦିରା ମେମୋରିଆଲ ଡିଗ୍ରୀ କଲେଜରେ ସାଇବର ଆଇନ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୋହନା ପ୍ରଥମ ଶ୍ରେଣୀ ବିଚାରପତି ତଥା ଲିଗାଲ ତାଲୁକା ଅଧ୍ୟକ୍ଷ ଶୁଭ୍ରଜିତ ବେହେରା ମୁଖ୍ୟଅତିଥି, ମୋହନା ଏସ୍‌ଆଇ ବି.ନୀଳମାଧବ ରେଡ୍ଡି ମୁଖ୍ୟବକ୍ତା, କଓକିଲ ସଂଘ ସଭାପତି ସନ୍ତୋଷ ପାଢ଼ୀ, ସମ୍ପାଦକ ପଦ୍ମନାଭ ପତି, ସୁଶାନ୍ତ ମଲିକ, ଜନାଥନ ଲିମା, ସରକାରୀ ଓକିଲ ବୈଦ୍ୟନାଥ ସିଙ୍ଗ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଜନସାଧାରଣ କିପରି ଅନଲାଇନ ଠକାମିର ଶିକାର ହେଉଛନ୍ତି, କିପରି ଏହି ଠକାମିର ଶିକାର ନ ହେବେ ସେନେଇ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅଧ୍ୟାପକ ଅରୁଣ ସେନାପତି ଓ ପ୍ରଦୀପ୍ତ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ୟାପୁଛି ଝାଡ଼ାବାନ୍ତି: ଦୁବଲୁଣ୍ଡାରେ ୨ ଜୀବନ ଗଲାଣି

■୧୩ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ, ଦୂଷିତ ପାଣି ବ୍ୟବହାର ମୁଖ୍ୟ କାରଣ

ବେଲଗୁଣ୍ଠା,୩୦।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)


କୂଅରୁ ଜଳ ସଂଗ୍ରହ କରୁଛନ୍ତି ଜଣେ ବୃଦ୍ଧା।

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକର ଗୋବରା, ଓଗିଗଡ଼, ଗୁଣ୍ଡପଲ୍ଲବା, ନୂଆଁପଡ଼ା, ରାଇପଡ଼ା, ଦୁବଲୁଣ୍ଡା ଆଦି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଦୁବଲୁଣ୍ଡାରେ ସ୍ଥିତି ସଙ୍ଗୀନ୍ ରହିଛି। ଝାଡ଼ାବାନ୍ତିରେ ୧୫ ଦିନ ତଳେ ବଡ଼ବୋର୍ସିଂଗ୍ ପଞ୍ଚାୟତ ଦୁବଲୁଣ୍ଡା ଗ୍ରାମର ବାସନ୍ତୀ ସାହୁ (୬୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ରବିବାର ସେହି ଗାଁର ଜୟନ୍ତୀ ନାୟକ (୬୧)ଙ୍କ ମୃତ୍ୟୁ ଘଟିଛି। ଆକ୍ରାନ୍ତଙ୍କ ମଧ୍ୟରେ ଯାଜ୍ଞସେନୀ ପ୍ରଧାନ, କବିରାଜ ପ୍ରଧାନ, ସ୍ୱପ୍ନେଶ୍ୱର ପ୍ରଧାନ, ରବି ପ୍ରଧାନ, ଉମାଚରଣ ପ୍ରଧାନ, କୁନି ପ୍ରଧାନ, ଅରାଲୁ ପ୍ରଧାନ, ନଗରୀ ବିଷୋୟୀ, ପୁଷ୍ପା ଜେନା, ଗାୟତ୍ରୀ ଜେନା, ଅପୂର୍ବ ସ୍ୱାଇଁ, ବିପ୍ରଚରଣ ସ୍ୱାଇଁ ରହିଛନ୍ତି। ୧୦ ଦିନ ତଳେ ଏହି ଗାଁରେ ଏକ ଡାକ୍ତରୀ ଟିମ୍ ଆସିଥିଲେ। ମାତ୍ର ବର୍ତ୍ତମାନ କୌଣସି ଡାକ୍ତରୀ ଟିମ୍ ଗ୍ରାମକୁ ଆସି ନ ଥିବା ଜଣାପଡ଼ିଛି। ଦୂଷିତ ଜଳ ବ୍ୟବହାର ଝାଡ଼ାବାନ୍ତିର ମୁଖ୍ୟ କାରଣ ବୋଲି ଗ୍ରାମବାସୀ କହିଛନ୍ତି। ଉକ୍ତ ଗ୍ରାମରେ ପାଖାପାଖି ୮୦୦ ଲୋକ ବାସ କରୁଛନ୍ତି। ଏଠାରେ କୌଣସି ଜଳ ଯୋଗାଣ ପ୍ରକଳ୍ପ ନାହିଁ। ଗାଁ ଭିତରେ ଦୁଇଟି ନଳକୂଅ ଥିବା ବେଳେ ସେଥିରୁ ଜଙ୍କମିଶା ପାଣି ବାହାରୁଛି। ଫଳରେ ଗ୍ରାମବାସୀ ସେହି ଜଳକୁ ବ୍ୟବହାର କରି ନପାରି ବାଧ୍ୟ ହୋଇ ଗ୍ରାମରେ ଥିବା ଦୁଇଟି ଅପରିଷ୍କାର କୂଅ ଏବଂ ଗୋଟିଏ ପୋଖରୀର ଜଳକୁ ବ୍ୟବହାର କରୁଛନ୍ତି। କୂଅଟି ମଧ୍ୟ ଅପରିଷ୍କାର ପୋଖରୀ ନିକଟରେ ଥିବାରୁ ସେହି ପୋଖରୀର ଅପରିଷ୍କାର ଜଳ ସବୁ ବେଳେ କୂଅ ଜଳରେ ମିଶୁଛି।

ଦୂଷିତ ଜଳ ବ୍ୟବହାର ଯୋଗୁ ଝାଡ଼ାବାନ୍ତି ସମେତ ଅନ୍ୟାନ୍ୟ ରୋଗରେ ମଧ୍ୟ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏକ ମେଡିକାଲ୍ ଟିମ୍ ଗାଁକୁ ଯାଇ ଲୋକଙ୍କୁ ଦୂଷିତ ଜଳ ବ୍ୟବହାର ନ କରିବା ସହ ପାଣିକୁ ଫୁଟାଇ, ଛାଣି ପିଇବା ପାଇଁ ପରାମର୍ଶ ଦେଇ ଫେରିଛନ୍ତି। ସେହିପରି ଓଗିଗଡ଼ର କୋରିଆ ଗୌଡ଼, ଗୁଣ୍ଡପଲ୍ଲବାର ହେମନ୍ତ ନାୟକ, ଗୋବରାର ସଚ୍ଚିଦାନନ୍ଦ ରାଉତ, ପ୍ରକାଶ ବେହେରା ମେଡିକାଲ୍‌ରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏହି ସ୍ଥିତିରେ ଅଭିଜ୍ଞ ଡାକ୍ତରୀ ଟିମ୍ ଗ୍ରାମଗୁଡିକରେ ଚିକିତ୍ସା ଯୋଗାଇଦେବା ସହ ପ୍ରଶାସନ ଗ୍ରାମକୁ ପାନୀୟ ଜଳ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମର୍ଲଭାରେ ଜନ ଅଭିଯୋଗ ଶୁଣାଣି




ପାରଳାଖେମୁଣ୍ଡି,୩୦।୯(ଗିରିଧାରୀ ପରିଛା): ରାୟଗଡ଼ ବ୍ଲକ ଅନ୍ତର୍ଗତ ମର୍ଲାବା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ କୁମାର ଦାଶ, ଗଜପତି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଡ଼.ଗୁଣନିଧି ନାୟକ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନିଲକାନ୍ତ ମହାନ୍ତି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ମର୍ଲାବା ପଞ୍ଚାୟତ ସମେତ କୁମୁଲସିଂ, ସାନତୁଣ୍ଡି ଓ କରଡ଼ାସିଂ ପଞ୍ଚାୟତର ମୋଟ ୨୮୩ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୮୩ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୧୦ଟି ଗ୍ରାମଭିତ୍ତିକ ସମସ୍ୟା ରହିଥିଲା। ମୋଟ ଅଭିଯୋ ମଧ୍ୟରୁ ୧୫୦ଟିର ତୁରନ୍ତ ଫଇସଲା କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗକୁ ଶୀଘ୍ର ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମଜିଏନ୍‌ଆର୍‌ଇଜିଏସ୍, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଆଦି ଅଭିଯୋଗ ଆସିଥିଲା।

# ଭିତ୍ତିଭୂମି, ଉତ୍ତମ ଚିକିତ୍ସା ଉପରେ ବିଧାୟକଙ୍କ ଗୁରୁତ୍ୱ

## ରୋଗୀ କଲ୍ୟାଣ ସମିତି ବୈଠକ

ଛତ୍ରପୁର,୩୦।୯
(ଦିଲ୍ଲୀପ ସାମଲ/ସନ୍ତୋଷ ପାଢୀ)


ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ବିଧାୟକ, ଅଧିକାରୀ ଓ ଅନ୍ୟମାନେ।

ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୌମ୍ୟକାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ବିଧାୟକ ନାୟକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବିଡିଓ ସୁଶାନ୍ତ ବରାଳ ଓ ସରପଞ୍ଚ ନିରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ ଅତିଥି ପରିଚୟ ଦେଇ ରୋଗୀ କଲ୍ୟାଣ ସମିତି ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସିମାଞ୍ଚଳ ପ୍ରଧାନ ଚଳିତବର୍ଷ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଓ ରୋଗୀଙ୍କୁ କିଭଳି ଉତ୍ତମ ଚିକିତ୍ସା ମିଳିବ ସେନେଇ ବୈଠକରେ ବିଧାୟକ ଗୁରୁତ୍ୱାରୋପ କରି ବର୍ତ୍ତମାନ ସାପ କାମୁଡାରେ ଅଧିକ ଲୋକ ମୃତ୍ୟୁବରଣ କରୁଛନ୍ତି। ତାହାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ସଜାଗ ରୁହନ୍ତୁ ଏବଂ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ବିଧାୟକ ପରାମର୍ଶ ଦେଇ ସାସ୍ଥ୍ୟକେନ୍ଦ୍ରର ରହିଥିବା ସମସ୍ୟା ଓ ଅସୁବିଧା ସମୟକ୍ରମେ ସମାଧାନ କରାଯିବ ବୋଲି କହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମହାପାତ୍ର କର୍ମଚାରୀ ଅଭାବ ଯୋଗୁ ଲାଗିରହିଥିବା ସମସ୍ୟା ସମ୍ପର୍କରେ ବିଧାୟକ ନାୟକଙ୍କୁ ଅବଗତ କରାଇଥିଲେ। ବୈଠକରେ ବ୍ଲକ ଶିକ୍ଷା ବିଭାଗ ପ୍ରତିନିଧି ରଘୁନାଥ ପ୍ରଧାନ, ଆରକେଏସ୍ ସଭ୍ୟ ଟୁଲୁ ସାହୁ ,ରବୀନ୍ଦ୍ର ନାହାକ, ବନୋଜ ନାହାକ, ଦୁର୍ଯ୍ୟ ପରିଡ଼ା, ଗୋପାଳ ପ୍ରହରାଜ, ପଦ୍ମ ପରିଡ଼ା, ବୃନ୍ଦାବନ ସେନାପତି, ରାଜେନ୍ଦ୍ର ନାହାକ,ପଞ୍ଚାୟତିରାଜ ବିଭାଗର ସମସ୍ତ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଜି.ଉଦୟଗିରି,୩୦।୯
(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଏନ୍‌ଏସି ତରଫରୁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଚାଲିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ଏଥିରେ ପରିବେଶକୁ ସଫା ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଥିବା ବେଳେ ସୋମବାର ଚକରା ବିଶୋୟୀ ଛକଠାରୁ ଆରମ୍ଭ କରି ଗାନ୍ଧୀ ଛକ ଓ ଅନ୍ୟାନ୍ୟ ସ୍ଥାନର ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ସଂଘ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ବାଘ, କାଉନସିଲର ନନ୍ଦିତା ପ୍ରଧାନ, ସିଦ୍ଧେଶ୍ୱରୀ ନାୟକ, ମୋନାଲିସା ଦଳବେହେରା, ବରିଷ୍ଠ ସହାୟକ ସତ୍ୟପ୍ରକାଶ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ମୁକ୍ତା କୋ-ଅର୍ଡ଼ିନେଟର ପ୍ରଭାତ ରଞ୍ଜନ ସାହୁ, କେ. ଜୀବନ ଜ୍ୟୋତି ପାତ୍ର, ଆକାଉଣ୍ଟାଣ୍ଟ ପଙ୍କଜ ବେହେରା, ମୁକେଶ ରଞ୍ଜନ ନାୟକ, ଭବାନୀ ପ୍ରସାଦ ବେହେରା, ସାନିଟେସନ ଏକ୍ସପର୍ଟ ଝଲକ ଦାସ୍, ନସିବ ଦିଗାଲ, କନିଷ୍ଠ ସହାୟକ ସୁନ୍ଦରା ସୋରେନ, ପ୍ରଦୀପ କୁମାର ଶତପଥୀ ପ୍ରମୁଖଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

**ଆର.ଉଦୟଗିରି,(ମନୋଜ କୁମାର ପାଢୀ):** ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ବେତରସିଂ ପଞ୍ଚାୟତ ବେତରସିଂ, ଅଣ୍ଡରସିଂ, କେ. ସୁବଲଡା, ମାଲବା, ଖିଲାଙ୍ଗ, କଙ୍କଡା, ମହୁଲପଦା ଆଦି ଗ୍ରାମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ହୋଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସେହଲତା ପ୍ରଧାନ, ଗ୍ରାମସେବକା ମିନତୀ ମିଶ୍ର, ଏବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ଆଶା, ଅଙ୍ଗନୱାଡି କର୍ମୀ, ଏସ୍‌ଏଚଜି ସଭ୍ୟା ଓ ଗ୍ରାମର ମହିଳା ଯୁବକମାନେ ସାମିଲ ହୋଇଥିଲେ। ଗ୍ରାମ ସେବିକା (ପିଇଓ) ଓ ସରପଞ୍ଚଙ୍କ ଦ୍ୱାରା ଶପଥ ପାଠ କରାଯାଇ ପଞ୍ଚାୟତ, ସ୍କୁଲ ପରିସର , ମନ୍ଦିର, ଅଙ୍ଗନବାଡି କେନ୍ଦ୍ର ଓ ଗ୍ରାମର ବିଭିନ୍ନ ସାହି ରାସ୍ତା ଓ ଡ୍ରେନ ଅଳିଆ ଆବର୍ଜନା ସଫା କରି ଲୋକଙ୍କୁ ସଚେତନ କରାଯାଇଥିଲା।

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଆସିକା,୩୦।୯(ସୁରେନ୍ଦ୍ର ନାଥ ସାହୁ): ଆସିକା ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟରେ ଚଳିତବର୍ଷ ଯୁକ୍ତ ୨ ଓ ଯୁକ୍ତ ୩ରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସୋମବାର ମହାବିଦ୍ୟାଳୟ ପରିସରରେ ସ୍ୱାଗତ କରାଯାଇଛି। ପରିଚାଳନା କମିଟି ସଭାପତି ସୁରେନ୍ଦ୍ରନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ର ଉତ୍ତମ ଅଧ୍ୟୟନ କରି ସୁନାଗରିକ ହେବା ସହ ଅନୁଷ୍ଠାନର ମର୍ଯ୍ୟାଦା ରଖିବାକୁ ପରାମର୍ଶ ଦେଇଥିଲେ। ଏଥିସହ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ରଖି ପରିବେଶ ସୁରକ୍ଷା ଲାଗି ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଧାୟକ ପାଢୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପକ ସନାତନ ପଣ୍ଡା ରାଜ୍ୟସ୍ତରୀୟ ସେବା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ମହାବିଦ୍ୟାଳୟର ବିଭିନ୍ନ ଅଭାବ ଅସୁବିଧା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ପୋଲିସ ଶହୀଦଙ୍କ ସମ୍ମାନାର୍ଥେ ବାଦ୍ୟ ପରିବେଷଣ କାର୍ଯ୍ୟକ୍ରମ


ବାଦ୍ୟ ପରିବେଷଣ କରି ଶହୀଦ ପୋଲିସ କର୍ମଚାରୀଙ୍କ ସ୍ମୃତିଚାରଣ କରାଯାଉଛି।

**ଛତ୍ରପୁର,୩୦।୯(ଦିଲ୍ଲୀପ ସାମଲ)**

ଓଏସ୍‌ଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ସ୍ଥାନୀୟ ଲୋୟାର ବସଷ୍ଟାଣ୍ଡଠାରେ ଜାତୀୟ ପୋଲିସ ପତାକା ଦିବସ ପାଳିତ ହୋଇଛି। ଏହି ଅବସରରେ ପୋଲିସ ଶହୀଦମାନଙ୍କୁ ସମ୍ମାନ ଜଣାଇବା ଲାଗି ବାଦ୍ୟ ପରିବେଷଣ କାର୍ଯ୍ୟକ୍ରମ ହୋଇଥିଲା। ବାଟାଲିୟନର ହାବିଲଦାର ମେଜର ବିଜୟ ବେରୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁର୍ଗପତି ଶାରଦା ପ୍ରସାଦ ଦାଶ ଦେଶବାସୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ଶହୀଦ ପୋଲିସଙ୍କ ସମ୍ପର୍କରେ ଜଣାଇଥିଲେ। ବାଦ୍ୟଯନ୍ତ୍ର ମାଧ୍ୟମରେ ଶହୀଦ ପୋଲିସମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବାଟାଲିୟନର ଇନସ୍‌ପେକ୍ଟର ଏସ. ଯୁଧିଷ୍ଠିର ରେଡ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫୁଲବାଣୀ ପୌରପରିଷଦ ନୂତନ ଅଧ୍ୟକ୍ଷାଙ୍କ ପ୍ରଥମ ବୈଠକ



ଫୁଲବାଣୀ,୩୦।୯(ରାକେଶ କୁମାର ରାଉତ) ଫୁଲବାଣୀ ପୌର ପରିଷଦ ନୂତନ ଅଧ୍ୟକ୍ଷା ଭାବେ ପାୟଲ ବେହେରା ଦାୟିତ୍ୱ ଗ୍ରହଣ କରିବା ପରେ ସୋମବାର କାଉନସିଲରଙ୍କୁ ନେଇ ପ୍ରଥମ ବୈଠକ କରିଛନ୍ତି। ଏଥିରେ ପୌରପରିଷଦ ୧୩ଟି ୱାର୍ଡରେ ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଟାକ୍ସ ଆଦାୟ ଉପରେ ଜୋର ଦିଆଯାଇଥିଲା। ଚଳିତ ବର୍ଷ ଦୁଇ କୋଟି ଟଙ୍କା ଟିକସ ଆଦାୟ ଧାର୍ଯ୍ୟ ଥିବାବେଳେ ମାତ୍ର ଏକ କୋଟି ଆଦାୟ ହୋଇପାରିଛି। ଫଳରେ ପୌରପରିଷଦକୁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇପାରୁନାହିଁ। ଅର୍ଥ ଅଭାବରୁ ନୂତନ କାର୍ଯ୍ୟ ହୋଇପାରୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତୁରନ୍ତ ଟିକସ ଆଦାୟ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପୌର ପରିଷଦକୁ ମିଳିମିଶି ଚଳାଇବାକୁ ଅଧ୍ୟକ୍ଷା ବେହେରା ସମସ୍ତ କାଉନ୍‌ସିଲରଙ୍କ ସହଯୋଗ ଲୋଡ଼ିଥିଲେ। ଅନୁଷ୍ଠିତ ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ଜଗନ୍ନାଥ ସାହୁ, ପୌର ନିର୍ବାହୀ ଅଧିକାରୀ ଏବଂ ସମସ୍ତ ୧୩ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ।

# ପିପୁଲ୍ସ କଲେଜରେ ଅଭିଭାବକ-ଶିକ୍ଷକ ବୈଠକ

ବୁଗୁଡ଼ା,୩୦।୯(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ କଲେଜ ପକ୍ଷରୁ ସମ୍ମିଳନୀ କକ୍ଷରେ ଅଭିଭାବକ-ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଆଡମିନିଷ୍ଟ୍ରେଶନ ବରସାର ପ୍ରଦୀପ କୁମାର ଦାଶ, ଅଧ୍ୟାପକ ଆମ୍ ପ୍ରକାଶ ନାୟକ ଓ ଅଧ୍ୟାପିକା ଅନୀତା ଦେବୀଙ୍କ ସମେତ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ। ବୈଠକ କାଳରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଛାତ୍ରୀଛାତ୍ରଙ୍କର ଅଟୋମେଟିଡ୍ ପରମାନେଣ୍ଟ ଆକାଡ୍ରେମିକ୍ ଆକାଉଣ୍ଟ ରେଜିଷ୍ଟ୍ରି (ଆପାର) ଆଇଡି ଖୋଲିବା ନିମନ୍ତେ ଅଭିଭାବକମାନଙ୍କୁ ଅଗଗତ କରାଯାଇଥିଲା। ଏ ନେଇ ଆବଶ୍ୟକୀୟ ଫର୍ମ ପ୍ରଦାନ ସାଙ୍ଗକୁ ପୂରଣ ପଦ୍ଧତି ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଯାଇଥିଲା। ଏହି ଆପାର ଆଇଡିରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଗତ, ଜାତିଗତ, ବାସସ୍ଥାନ ଆଦି ସାଙ୍ଗକୁ ଅନ୍ୟାନ୍ୟ ପ୍ରମାଣପତ୍ର ଏଥିରେ ଉପଲବ୍ଧ ରହିବ ନେଇ ସୂଚନା ପ୍ରଦାନ କରାଯାଇଥିଲା।

# କଲେଜ ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

**ଭଞ୍ଜନଗର,୩୦।୯(ବାବୁଲା ପ୍ରଧାନ):** ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସୁବାଷ ଚନ୍ଦ୍ର ପ୍ରଧାନଙ୍କ ସୋମବାର ଅପରାହ୍ନରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ପରଲୋକ ହୋଇଛି। ପ୍ରଧାନଙ୍କ ନିଜ ଘର ଗଜପତି ଜିଲାରେ। ସେ ପ୍ରାୟ ୨୫ବର୍ଷ ହେବ ଭଞ୍ଜନଗର କଲେଜରେ ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଥିଲେ। ୨୦୨୧ ଫେବୃଆରୀରୁ ୨୦୨୨ ଜୁନ ପର୍ଯ୍ୟନ୍ତ ଅଧ୍ୟକ୍ଷ ଦାୟିତ୍ୱରେ ରହି ଅବସର ନେଇଥିଲେ। ଏହାପରେ ସେ ତାଙ୍କର ଭଞ୍ଜନଗର ସହରତଳି ଲଣ୍ଡେଇ ସାହିସ୍ଥିତ ବାସଭବନରେ ରହୁଥିଲେ। ସକାଳେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ। ସ୍ୱର୍ଗତ ପ୍ରଧାନ ଛାତ୍ରୀଛାତ୍ରଙ୍କ ପ୍ରିୟ ଅଧ୍ୟାପକ ଥିଲେ। ସମସ୍ତ କର୍ମଚାରୀଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା।

## ରାସ୍ତା କଡ଼ରେ ସ୍କୁଲ

# ପାଚେରି ନାହିଁ, ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ଧ୍ୟାନ ନାହିଁ

## ଗୋଟିଏ ବଖରାରେ ହେଉଛି ରୋଷେଇ, ପାଠପଢା

ଖଜୁରିପଡ଼ା ୩୦।୯( ବିଦୁର ବେହେରା)




ସମ୍ପେଦର ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୫୭ ନଂ ଜାତୀୟ ରାଜପଥକୁ କଡକୁ ଲାଗି ରହିଛି। ଖଜୁରୀପଡ଼ା ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ଏହି ବିଦ୍ୟାଳୟରେ ସୁରକ୍ଷା ପାଚେରି ନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୧୯୭୫ରେ ସ୍ଥାପିତ ଏହି ବିଦ୍ୟାଳୟରେ ୨ଜଣ ଶିକ୍ଷୟିତ୍ରୀ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି। ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ବିଦ୍ୟାଳୟରେ ପାଚେରୀ ନିର୍ମାଣ ହୋଇ ନାହିଁ। ପାଚେରୀ ନିର୍ମାଣ ପାଇଁ ଅନେକ ଥର ଗ୍ରାମର ବୁଦ୍ଧିଜୀବୀମାନେ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ବିଦ୍ୟାଳୟରେ ପାଚେରୀ ସହ ରହିଛି ରୋଷେଇ ଘର ସମସ୍ୟା । ରୋଷେଇ ଘର ନ ଥିବାରୁ ଗୋଟିଏ କୋଠରୀରେ ପାଠ ପଢା ସହ ରୋଷେଇ ହେଉଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ବୋଲି କହିଛନ୍ତି ସମିତି ସଭ୍ୟା ଉଷାବତୀ ଗଣ୍ଡା । ଅନ୍ୟପକ୍ଷରେ ଶିକ୍ଷା ବ୍ୟବସ୍ଥା ପାଇଁ ସରକାର ବିଭିନ୍ନ ଯୋଜନା କରି ବହୁ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ଏଠାରେ ବିଦ୍ୟାଳୟର ପାଚେରୀ ଓ ରୋଷେଇ ଘରଟିଏ ନାହିଁ। ଏହି ୧୫୭ ନଂ. ଜାତୀୟ ରାଜପଥ ଦେଇ ଫୁଲବାଣୀରୁ ଭୁବନେଶରକୁ ସବୁବେଳେ ଗାଡିମୋଟର ଯାତାୟାତ କରୁଛି। ରାସ୍ତା କଡ ବିଦ୍ୟାଳୟ ହେତୁ ଅଭିଭାବକଙ୍କ ମନରେ ସର୍ବଦା ନିଜ ପିଲାଙ୍କୁ ନେଇ ଭୟ ରହୁଛି। ଏନେଇ ବିଭିନ୍ନ ସମୟରେ ପ୍ରଶାସନକୁ ଅବଗତ କରାଯାଇଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ର କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଓ ଅଭିଭାବକମାନେ ଦାବି କରିଛନ୍ତି।

# ନୂଆପଡ଼ାରେ ପୋଷଣ ମାସ

ଟିକିଟି,୩୦।୯(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ସେକ୍ଟରରେ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଟିକିଟି ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦେଇ ଉପସ୍ଥିତ ମହିଳା, କିଶୋର ବାଳକ ବାଳିକା ଓ ଶିଶୁଙ୍କୁ ପୋଷଣଯୁକ୍ତ ଖାଦ୍ୟର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ବାଡ଼ି ବଗିଚାରେ ମିଳୁଥିବା ସବୁଜ ପରିବା, ଶାଗ, ମାଣ୍ଡିଆ ଆଦି ଖାଇବାକୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳ ପରିଦର୍ଶିକା ଟି.ସରୋଜିନୀ ରେଡ୍ଡୀ, ବ୍ଲକ ସଂଯୋଜକ ସରୋଜ କୁମାର ଗୌଡ଼ ଯୋଗଦେଇ ପୋଷଣର ୫ଟି ସୂତ୍ର ଉପରେ ଆଲୋଚନା କରିଥିଲେ। ନୂଆପଡା ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ ଯୋଗଦେଇ ପରିଚାଳନା କରିଥିଲେ। ଶେଷରେ ପୋଷଣ କାର୍ଯ୍ୟକ୍ରମରେ ଭଲ କାମ କରିଥିବାରୁ ଅଙ୍ଗନୱାଡି କର୍ମୀ ନୂଆପଡାର ଗୀତାଞ୍ଜଳି ନାୟକ ଓ ଏସ ଅଲେଖା, ଲାଲମେଣ୍ଟର ସ୍ୱର୍ଣ୍ଣପ୍ରଭା ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା।

# ଶୁଖିଲା ବର୍ଜ୍ୟବସ୍ତୁ ପୁନଃଚକ୍ରଣ ସମ୍ପର୍କିତ ସଚେତନତା

ଗୋପାଳପୁର,୩୦।୯(ନବୀନ ରାଜ ଆଚାରୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କନିସି ତହସିଲ ଅଧୀନ ପାଲୁର ହିଲ୍ ସ୍ଥିତ ନିଷ୍ଟ ଘରୋଇ ବିଶ୍ୱବିଦ୍ୟାଳୟରେ ଶନିବାର ଶୁଖିଲା ବର୍ଜ୍ୟବସ୍ତୁର ପୁନଃଚକ୍ରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ପେପର୍ ସାଇକଲ ଡଟ୍ ଇନ୍‌ର ସହ ପ୍ରତିଷ୍ଠାତା ନିଲେଶ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବର୍ଜ୍ୟବସ୍ତୁ ଓ ପ୍ରକୃତି ଉପରେ ପଡୁଥିବା କୁପ୍ରଭାବ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଶୁଖିଲା ବର୍ଜ୍ୟବସ୍ତୁ ଓ ଓଦା ବର୍ଜ୍ୟବସ୍ତୁ ପାଇଁ ଅଲଗା ଅଲଗା ଡଷ୍ଟବିନ୍ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ବିଶ୍ୱବିଦ୍ୟାଳୟର ସଭାପତି ଡ. ସୁକାନ୍ତ ମହାପାତ୍ର, ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ପି. ରାଜେଶ କୁମାର ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ ସ୍ୱଚ୍ଛ ପରିବେଶ ପାଇଁ ପିଲାମାନଙ୍କୁ ଆଜି ଠାରୁ ଶପଥ ନେଇ କାମ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ଇଂ. ସୁଲେମାନ ଅଲ୍ଲୀ ତାଙ୍କ ଅଭିଭାଷଣରେ ସଭାପତିଙ୍କ ଆଗ୍ରହ ଓ ଉଦ୍ୟମ ବଳରେ ବିଶ୍ୱବିଦ୍ୟାଳୟ ପରିସରରେ ହୋଇଥିବା ପରିବେଶ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀ, ଅଧ୍ୟାପିକା ଅଧ୍ୟାପକ ଓ ଅତିଥିମାନଙ୍କୁ ଶପଥ ପାଠ କରାଇଥିଲେ। ସଭାର ସଂଯୋଜକ ଡ. ରତିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରାଇଥିଲେ। ବି.ଟେକ୍ ଦ୍ୱିତୀୟ ବର୍ଷର ଛାତ୍ରୀ ଅଭୀପ୍ସା ଦାସ ଓ ଛାତ୍ର ଅସ୍ମିତ୍ରା ଅର୍ପିତ ସାମନ୍ତରାୟ ସୁନ୍ଦର ଭାବେ ସଭା ପରିଚାଳନା କରିଥିଲେ। ଏକ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କ ସହ କାମାକ୍ଷି ବ୍ରହ୍ମା, ଡ. ସୁଶାନ୍ତ କୁମାର ସାହୁ, ପୀତାମ୍ବର ସାହୁ, ପ୍ରଫେସର ଆଶିଷ ଦାସ, ପ୍ରଫେସର୍ ସୀମାଞ୍ଚଳ ପାଣିଗ୍ରାହୀ, ଡ. ସୁବ୍ରତ କୁମାର ଭୂୟାଁ ପ୍ରମୁଖ ଯୋଗଦେଇ ସଭାକୁ ସଫଳ କରାଇଥିଲେ।

## ମହିଳା ବ୍ୟବସାୟୀଙ୍କୁ ଧମକ ଅଭିଯୋଗ

ବ୍ରହ୍ମପୁର,୩୦।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଅନନ୍ତନଗର ପ୍ରଥମ ଲାଇନରେ ଥିବା ଅଭିଜିତ ଆସୋସିଏଟର ମାଲିକ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କୁ ଗାଳିଗୁଲଜ କରାଯିବା ସହ ଧମକ ଦିଆଯାଇଛି। ଅନ୍ୟ ଏକ ଏଜେନ୍ସିର ୩ ଯୁବକ ଲକ୍ଷ୍ମୀପ୍ରିୟାଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଘଟଣାକୁ ନେଇ ଲକ୍ଷ୍ମୀପ୍ରିୟା ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଲକ୍ଷ୍ମୀପ୍ରିୟାଙ୍କ ଅନନ୍ତନଗର ପ୍ରଥମ ଲାଇନରେ ଅଭିଜିତ ଆସୋସିଏଟ ନାମକ ଏକ କାର୍ଯ୍ୟାଳୟ ରହିଛି । ୨ ଦିନ ତଳେ ଏକ ସଂସ୍ଥାର ୩ ଯୁବକ ତାଙ୍କ କାର୍ଯ୍ୟାଳୟକୁ ଆସି ସେଠାରେ ଥିବା କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଏଜେନ୍ସି ବନ୍ଦ କରିଦେବାକୁ ଧମକ ଦେଇଥିଲେ । ସେହି ଯୁବକମାନେ ଲକ୍ଷ୍ମୀପ୍ରିୟାଙ୍କୁ ମଧ୍ୟ ଧମକ ଦେଇଥିଲେ। ଫଳରେ ତାଙ୍କର ଓ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ରହିଥିବା ଲକ୍ଷ୍ମୀପ୍ରିୟା ନିଜ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ।

## କୁକୁଡ଼ା ଫାର୍ମରୁ ଚୋରି

ବ୍ରହ୍ମପୁର,୩୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅଲାରିଗଡ ଠାରେ ଥିବା ଏକ କୁକୁଡାଫାର୍ମରୁ ପ୍ରାୟ ୩୦୦ କୁକୁଡା ଚୋରି ହୋଇଛି। ୩ ଦୁର୍ବୃତ୍ତ ରାତି ଅଧରେ ଫାର୍ମ ଭିତରେ ପଶି କବାଟ ଭାଙ୍ଗି କୁକୁଡା ସହ ବିଦ୍ୟୁତ ତାର ଚୋରାଇ ନେଇଥିବା ସଦର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଲାରିଗଡ ଶିବମନ୍ଦିର ନିକଟରେ ଟୁଲୁ ଜେନାଙ୍କ ଏକ କୁକୁଡା ଫାର୍ମ ରହିଛି । ଗତ ୨୮ତାରିଖ ରାତିରେ ସେ ଫାର୍ମରେ ତାଲା ପକାଇ ଘରକୁ ଆସିଥିଲେ । ପରଦିନ ସକାଳୁ ଯାଇ ଦେଖିବା ବେଳେ ଫାର୍ମର କବାଟ ତାଲା ଭଙ୍ଗା ଯାଇଥିବା ବେଳେ ସେଠାରେ ଥିବା ପ୍ରାୟ ୩୦୦ କୁକୁଡା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଫାର୍ମରେ ଲାଗିଥିବା ବିଦ୍ୟୁତ ତାର ମଧ୍ୟ ଚୋରି ହୋଇଯାଇଥିଲା । ଟୁଲୁ ବିଭିନ୍ନ ଆଡେ ଯାଇ କୁକୁଡା ଚୋରି ବିଷୟରେ ପଚରାଉଚରା କରିଥିଲେ। ଏହି ଚୋରି ପଛରେ ଗ୍ରାମର ୩ ଜଣ ସଂପୃକ୍ତ ଥିବା ଟୁଲୁ ସନ୍ଦେହ କରିବା ସହ ଏ ବିଷୟରେ ପୋଲିସକୁ ଜଣାଇଛନ୍ତି।

## ଅଘଟଣ ପରେ ଚେତା ପଶିଲା
# ରାସ୍ତାକଡ଼ ୫୦୦ ଦୋକାନୀଙ୍କୁ ହଟାଇଲା ବିଏମ୍‌ସି

ବ୍ରହ୍ମପୁର,୩୦।୯(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରରେ ରାସ୍ତାକଡ ଠେଲା ଦୋକାନୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ବିଏମ୍‌ସିର ଅପାରଗତାରୁ ରବିବାର ବିଜିପୁର ସନ୍ତୋଷୀ ମା' ମନ୍ଦିର ନିକଟରେ କାର ଧକ୍କାରେ ଜଣେ ରାସ୍ତାକଡେ ନଡିଆ ବିକୁଥିବା ଜଣେ ମହିଳାଙ୍କ ମୃତ୍ୟୁ ପରେ ସୋମବାର ବିଏମ୍‌ସିର ଚେତା ପଶିଛି। ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ୫୦୦ ଦୋକାନୀଙ୍କୁ ହଟାଇ ଦେଇଛି। ପୂର୍ବରୁ ବିଭିନ୍ନ ସଂଗଠନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ଦାବି ହୋଇ ଆସୁଥିଲା। କିନ୍ତୁ ବିଏମ୍‌ସି କୌଣସି ପଦକ୍ଷେପ ନେଉ ନ ଥିଲା। ସହରରେ ଏଭଳି ଅଘଟଣ ପାଇଁ ବିଏମସି ସଂପୂର୍ଣ୍ଣ ଦାୟୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେଣୁ ମୃତକଙ୍କ ପରିବାରକୁ ଅନୁକମ୍ପା ମୂଳକ ସହାୟତା ରାଶି ପାଇଁ ଦାବି ହୋଇଛି।

ବିଏମସି ପକ୍ଷରୁ ସୋମବାର ବିଜିପୁର ଓ ଗୋସାଣୀ ନୂଆ ଗାଁ ରାସ୍ତାରେ ଉଚ୍ଛେଦ ସମୟରେ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଉଚ୍ଛେଦ ପରେ ଥଇଥାନ ଦାବି ନେଇ ବ୍ୟବସାୟୀ ଓ ବିଏମସି କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାସ୍ତାକଡ ଦୋକାନୀମାନେ ବିଏମ୍‌ସିକୁ କର ବାବଦକୁ ପ୍ରତ୍ୟହ ୫ ଟଙ୍କା ଦେଇଥାନ୍ତି। ଟଙ୍କା ଦେଉଥିଲୁ କାହିଁକି ଉଠିବୁ ବୋଲି ପ୍ରଶ୍ନ କରି ବ୍ୟବସାୟୀମାନେ ଉଚ୍ଛେଦକୁ ବିରୋଧ କରିଥିଲେ। ତଥାପି ଉଚ୍ଛେଦ କରାଯାଇଥିଲା। ଅନ୍ୟପଟେ ସିଟି ହସ୍ପିଟାଲ, ଗେଟ ବଜାର, ଲୋଚାପଡା ରୋଡ, ମର୍ଦ୍ଦରାଜ ଭେଣ୍ଡିଂ ଜୋନଠାରୁ କମାପଲ୍ଲୀ, ଏମକେସିଜି ମେଡିକାଲ ରୋଡ ଆଦି ଅଞ୍ଚଳରେ ରାସ୍ତାକଡେ ବ୍ୟବସାୟୀଙ୍କ ପସରା ଜମୁଛି। ସକାଳୁ ଆରମ୍ଭ କରି ରାତି ୧୦ଟା ଯାଏଁ ଭିଡ ରହୁଛି। ଆମ୍ବୁଲାନ୍ସ ଯାତାୟାତ ସମୟରେ ସମସ୍ୟା ଉପୁଜୁଛି।

ବିଏମସି ପକ୍ଷରୁ ଉଚ୍ଛେଦ କରାଯାଉଥିଲେ ବି ପୁଣି ରାସ୍ତାକଡେ ବେପାର ଚାଲୁଛି। ସହରର ବିଭିନ୍ନ ସ୍ଥାନରେ ରାସ୍ତାକଡ ଠେଲା ଦୋକାନୀଙ୍କୁ ଉଚ୍ଛେଦ ଦାବି ହୋଇଛି। ଏ ନେଇ ବିଏମସି ଅତିରିକ୍ତ କମିଶନର ରୋନିତ କୁମାର କହିଛନ୍ତି, ଆଗାମୀ ଦିନରେ ଗେଟ ବଜାର, ସିଟି ହସ୍ପିଟାଲ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରାସ୍ତା ଓ ମର୍ଦ୍ଦରାଜ ଭେଣ୍ଡିଂ ଜୋନଠାରୁ କମାପଲୀ ଯାଏଁ ଠେଲା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବ। ମଙ୍ଗଳବାର ପୁଣି ଥରେ ଗୋସାଣୀ ନୂଆ ଗାଁ ଅଞ୍ଚଳରେ ଜବର ଦଖଲ ଉଚ୍ଛେଦ କରାଯିବ। ଆଗାମୀ ଦିନରେ ଉଚ୍ଛେଦ ଜାରି ରହିବ ବୋଲି କହିଛନ୍ତି।



ବିଜିପୁର ରାସ୍ତାରୁ ଉଚ୍ଛେଦ କରାଯାଇଛି।



ସିଟି ହସ୍ପିଟାଲ ରାସ୍ତା କଡ଼ରେ ବ୍ୟବସାୟ ଚାଲିଛି।

## ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

ବ୍ରହ୍ମପୁର,୩୦।୯(ସ୍ୱାଧୀନ ଶେଖର ପାଢ଼ୀ)

କୋଟପେଟା ସ୍ଥିତ ଶହୀଦ ଲକ୍ଷଣ ନାୟକ ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସ୍କୁଲର ପ୍ରଧାନ ଶିକ୍ଷକ ସନାତନ ଜାଲି ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଉକ୍ତ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୪୮ ପ୍ରତିଯୋଗୀ ସେମାନଙ୍କ ଗାଇଡ଼ ଶିକ୍ଷକଙ୍କ ସହ ଯୋଗ ଦେଇଥିଲେ। ବିଚାରକ ଭାବେ ଡାଇଟ ଖଲ୍ଲିକୋଟର ଶିକ୍ଷକ ପ୍ରଶିକ୍ଷକ ନିହାରିକା ସାମନ୍ତରାୟ, ପୂର୍ବତନ ପ୍ରଧାନ ଶିକ୍ଷକ ଗୋପାଳ କୃଷ୍ଣ ପାଢ଼ୀ ଓ ନୃତ୍ୟଗୁରୁ ଜୟନ୍ତ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ସିଟି ହାଇସ୍କୁଲ ପ୍ରଥମ ସ୍ଥାନ, ଗୁରୁଗୁଡ଼ି ହାଇସ୍କୁଲ ଦ୍ୱିତୀୟ ଓ ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମାପନ ଉତ୍ସବରେ କୃତି ଦଳ ଗୁଡ଼ିକୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଆନ୍ତଃରାଜ୍ୟ ଖୋ ଖୋ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା




କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୩୦।୯(ସ୍ୱାଧୀନ ଶେଖର ପାଢ଼ୀ)

ଆନ୍ତଃ ରାଜ୍ୟ ଖୋଖୋ ପ୍ରତିଯୋଗୀଙ୍କୁ ବ୍ରହ୍ମପୁରରେ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ପ୍ରତିଯୋଗିତାରେ ବ୍ରହ୍ମପୁରର କେସି ପବ୍ଲିକ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛି। ଏଥିରେ ଛତିଶଗଡ଼ ରାଜ୍ୟ ପ୍ରଥମ ଓ ପଶ୍ଚିମ ବଙ୍ଗ ଦ୍ୱିତୀୟ ହୋଇଥିଲା। ଆନ୍ତଃ ରାଜ୍ୟ ଖୋଖୋରେ କୃତି ପ୍ରତିଯୋଗୀଙ୍କୁ ବ୍ରହ୍ମପୁର ରେଲୱେ ଷ୍ଟେସନରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ପ୍ରତିନିଧି ସାକ୍ଷାତ କରି ସମ୍ବର୍ଦ୍ଧନା ଜଣାଇଥିଲେ। ସେହିଭଳି ବ୍ରହ୍ମପୁର ସାଂସଦ ଓ ବିଧାୟକଙ୍କ କାର୍ଯ୍ୟାଳୟରେ କୃତି ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଭଳି କୃତୀତ୍ୱ ଯୋଗୁ କ୍ରୀଡ଼ାବିତ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ବିଶ୍ୱବିଦ୍ୟାଳୟ ନିୟମ ମାନିବାକୁ ନବାଗତଙ୍କୁ ପରାମର୍ଶ

ବ୍ରହ୍ମପୁର,୩୦।୯(ସ୍ୱାଧୀନଶେଖରପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ ହଲ ଠାରେ ସୋମବାର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା (ଅନୁକରଣ) କାର୍ଯ୍ୟକ୍ରମ ଛାତ୍ର ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ଗୀତାଞ୍ଜଳି ଦାଶ ଯୋଗ ଦେଇ ଚଳିତ ଶିକ୍ଷାବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ଶୃଙ୍ଖଳା, କ୍ରୀଡ଼ା, ହଷ୍ଟେଲ ରହଣି, ମେସ ଖାଇବା, ଲାଇବ୍ରେରୀ, ଗବେଷଣା ଏବଂ ନିଯୁକ୍ତି ଉପରେ ଆଲୋକପାତ କରିବା ସହ ଏଥିପ୍ରତି ଗୁରୁତ୍ୱ ଦେବେ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର ନିତିନିୟମ ପାଳନ କରିବା ସହ ପାଠପଢ଼ା ଓ କ୍ୟାମ୍ପସ ପରିସରକୁ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ। କୁଳସଚିବ ସଚ୍ଚିଦାନନ୍ଦ ନାୟକ ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ରଖିଥିଲେ। ଏଥି ସହିତ ନବାଗତ ବିଦ୍ୟାର୍ଥୀଙ୍କୁ ଭଲ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କୌଣସି ଅସୁବିଧା ହେଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସାକ୍ଷାତ କରିବା ସହ ପରାମର୍ଶ ଲୋଡିବାକୁ କହିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ନବାଗତ ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିବା ସହ ଭଲ ପାଠପଢ଼ିବାକୁ କହିଥିଲେ। ସମୂହ ହଷ୍ଟେଲ ୱାର୍ଡେନ ପ୍ରଫେସର ସୁଧାକର ପାତ୍ର ମଞ୍ଚାସିନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଫେସର ଗଣେଶ ସେଠୀ ଛାତ୍ରୀଛାତ୍ରଙ୍କ ବିଭିନ୍ନ ଆବଶ୍ୟକତା ଉପରେ ଆଲୋକପାତ କରି ବା ସହ ଭଲ ପାଠପଢ଼ି ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ବିତ୍ତ ନିୟନ୍ତ୍ରକ ଅଶୋକ କୁମାର ଧାଙ୍ଗଡାମାଝୀ ଫାଇନାନ୍ସ ସିଷ୍ଟମ ଉପରେ ଆଲୋକପାତ କରିଥିବା ବେଳେ ପରୀକ୍ଷା ନିୟନ୍ତ୍ରକ ଡ଼.ସତ୍ୟ ନାରାୟଣ କୁଣ୍ଡ ପରୀକ୍ଷା ସମ୍ପର୍କ କହିଥିଲେ। ଡ଼.ସୁମନ କଲ୍ୟାଣ ଚୌଧୁରୀ ନିଯୁକ୍ତି, ଡ଼.ସରିତା ଦାଶ ସାଂସ୍କୃତିକ କାର୍ଯ୍ୟକ୍ରମ, ଡ଼.ଜୟନ୍ତ କୁମାର ପଣ୍ଡା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ, ଡ଼.ବନ୍ଦିତା ପଣ୍ଡା, ଡ଼.ଚିନୁ ବହିଦାର, ଡ଼.ନେହା ପାଣ୍ଡେ,ଡ଼.ସତ୍ୟବ୍ରତ ପାତ୍ର, ଡ଼.ଲକ୍ଷ୍ମୀଧର ରାଉତ, ସିକ୍ୟୁରିଟି ଅଫିସର ତଥା ଡିଏସପି ଦୀପ୍ତିକାନ୍ତ ମହାପାତ୍ରଙ୍କ ସମେତ ସମସ୍ତ ବିଭାଗର ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କୁଳପତିଙ୍କ ସହ ଅନ୍ୟମାନେ।

## ପୁରୀରୁ ଅପହୃତା ନାବାଳିକା ଉଦ୍ଧାର

ବ୍ରହ୍ମପୁର,୩୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ନାବାଳିକାଙ୍କୁ ଅପହରଣ କରିନେଇଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ନାବାଳକଙ୍କୁ ଧରିଛି। ସୋମବାର ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରିଛି । କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ନାବାଳକ ଜଣଙ୍କ ଗୌଞ୍ଜୁ ଗ୍ରାମର ବୋଲି ପୋଲିସ କହିଛି। ପୋଲିସ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ କୋର୍ଟରେ ହାଜର କରିଥିଲା। ଧାରା ୧୬୪ ଅନୁସାରେ ତାଙ୍କର ବୟାନ ରେକର୍ଡ କରାଯାଇଛି। ଟାଉନ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟ ନାବାଳିକା କେଉଁଠି ଆଡେ ଚାଲିଯାଇଥିବା ନେଇ ତାଙ୍କ ପରିବାର ବର୍ଗ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ମୋବାଇଲ ଟ୍ରାକିଂ ବେଳେ ପୋଲିସ ସମ୍ପୃକ୍ତ ନାବାଳକଙ୍କ ସହ ଅପହରଣ ହୋଇଥିବା ନାବାଳିକାଙ୍କୁ ପୁରୀରେ ଥିବା ଠାବ କରିଥିଲା। ପୋଲିସ ଏକ ଟିମ ଗଠନ କରି ସେମାନଙ୍କୁ ଧରିଥିଲା।

## ଭଞ୍ଜବିହାର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଅବସରକାଳୀନ ସମ୍ବର୍ଦ୍ଧନା



ଫାର୍ମାସୀ ଅଫିସରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର ୩୦।୯(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶବିଦ୍ୟାଳୟ ପରିସରରେ ଥିବା ଭଞ୍ଜବିହାର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ଫାର୍ମାସି ଅଫିସର ଇ.କୈଳାଶ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଦୀର୍ଘ ବର୍ଷ ଏହି କେନ୍ଦ୍ରରେ କାମ କରି ଲୋକଙ୍କୁ ସେବା ଦେଇ ପ୍ରିୟପାତ୍ର ହୋଇପାରିଥିଲେ। ଅବସର ପରେ ମଧ୍ୟ ସେବା ଜାରି ରଖିବେ ବୋଲି ସେ କହିଛନ୍ତି। କେନ୍ଦ୍ରର ମେଡିକାଲ ଅଫିସର ଡା. ସନ୍ଦୀପ କୁମାର ଦାଶ, ଆୟୁଷ ଡା. କୃଷ୍ଣ ଶରଣ ପାଳ, ସୁବାଷ ଚନ୍ଦ୍ର ନାୟକ, ଗୀତାଞ୍ଜଳି ଶତପଥୀ, ଦିବ୍ୟରଶ୍ମି ବିଶ୍ୱାଳ, ସାଗରିକା ପାଣିଗ୍ରାହୀ, ରୋଜାଲି ସାହୁ, ଆଶା ବରଲା ଉପସ୍ଥିତ ରହି ତାଙ୍କ ସୁଖମୟ ଜୀବନ କାମନା କରିଥିଲେ। ପୁଷ୍ପା ମିଶ୍ର, ନମିତା ଜେନା, ସ୍ୱାଗତିକା ପାଢ଼ୀ, ପ୍ରିୟଦର୍ଶନୀ ପାଢ଼ୀ, ଶର୍ମିଳା ସାହୁ, ରିତା ବାଡତିୟା, ରୋଜାଲିନ ପାଣିଗ୍ରାହୀ, ରାହୁଲ ନାୟକ, ଜମ୍ବୁବତୀ ନାୟକ, ଭଗବାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକ ବିରୋଧୀ ୪ ଶ୍ରମ ସଂହିତା ବାତିଲ କର

ବ୍ରହ୍ମପୁର,୩୦।୭(ସ୍ମୃତି ରଞ୍ଜନ ମହାଲିକ)

କେନ୍ଦ୍ରସରକାର ୪୪ ଶ୍ରମ ଆଇନକୁ ଉଚ୍ଛେଦ କରି ୪ ଶ୍ରମ ସଂହିତା ଆଣିବାର ୪ବର୍ଷ ପୁରିଛି । ଏହା ଶ୍ରମିକ ବିରୋଧୀ। ତେଣୁ ଏହାକୁ ବାତିଲ ଦାବିରେ ଆଇଏଫଟିୟୁ ରାଜ୍ୟ କମିଟି ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ

## ଆଇଏଫଟିୟୁର ବିକ୍ଷୋଭ

କରାଯାଇଛି। କମିଟିର ଶତାଧିକ କର୍ମୀ କମାପଲ୍ଲୀଛକରୁ ଶୋଭାଯାତ୍ରାରେ ଆରଡିସିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏକ ପ୍ରତିନିଧି ଦଳ ଆରଡିସିଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥଲେ। ଆଇଏଫଟିୟୁ ରାଜ୍ୟ ସଭାପତି ପ୍ରତାପ ପ୍ରଧାନ କେନ୍ଦ୍ରରେ ଭାଜପା ଓ ଆରଏସଏସ ସରକାରର ଶ୍ରମିକ ଓ କର୍ମଚାରୀ ବିରୋଧି ନୀତିର ନିନ୍ଦା କରିଥିଲେ। ୯ ଦଶକ ଧରି ଦେଶର ଶ୍ରମିକ ଶ୍ରେଣୀଙ୍କ ଲଢେଇ ଫଳରେ ମିଳିଥିବା ୪୪ ଶ୍ରମ ଆଇନକୁ ବିଲୋପ କରି ୪ ଶ୍ରମ ସଂହିତା ଲାଗୁ କରିବା ବିଦେଶୀ କର୍ପୋରେଟରଙ୍କ ସ୍ୱାର୍ଥ ପାଇଁ କରାଯାଇଛି। ଏହାକୁ ପ୍ରତ୍ୟାହାର କରିବାକୁ ଦାବି ହୋଇଥିଲା। ବର୍ତ୍ତମାନ ଦେଶରେ ଠିକା, ଆଉଟସୋର୍ସିଂ ଓ ବିଭିନ୍ନ ସରକାରୀ ଯୋଜନାରେ ଅସ୍ଥାୟୀ ଭାବେ କାର୍ଯ୍ୟରତ ଲକ୍ଷ ଲକ୍ଷ ଶ୍ରମିକ ଓ କର୍ମଚାରୀ ନିଜ ଚାକିରୀରେ ଅସୁରକ୍ଷିତ ମନେ କରୁଛନ୍ତି। ବଜାର ଦର ବଢ଼ିବା ସହିତ ସେମାନଙ୍କୁ ସର୍ବନିମ୍ନ ମଜୁରୀ ମିଳୁନାହିଁ। ଦେଶସାରା ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା ପାଇଁ କମିଟି ଦାବି କରିଛି। ସଂଘର ରାଜ୍ୟ କମିଟି ସଦସ୍ୟ ପ୍ରଶାନ୍ତ ପରିଛା, ସଂଯୁକ୍ତା ଦାସ, ସୁଦକ୍ଷା ନାୟକ, ସଫେଇ କର୍ମଚାରୀ ନେତା ଉତ୍ତମ ନାୟକ, ସ୍ୱାସ୍ଥ୍ୟ କର୍ମଚାରୀ ନେତା ହିମାଂଶୁ ପଟ୍ଟନାୟକ, ସୂର୍ଯ୍ୟ ନାୟକ, ଆଶୁତୋଷ ଘଡେଇଙ୍କ ସମେତ ସଂଘର ବହୁ ସଦସ୍ୟ ବିକ୍ଷୋଭରେ ସାମିଲ ଥିଲେ।




ବିକ୍ଷୋଭରେ ସାମିଲ ଆଇଏଫଟିୟୁ ଅଧୀନ ଶ୍ରମ ସଂଗଠନ।

## ମା' ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ବ୍ରହ୍ମପୁର,୩୦।୯(ସ୍ୱାଧୀନ ଶେଖର ପାଢ଼ୀ)

ସ୍ଥାନୀୟ ଅରବିନ୍ଦନଗର ଠାରେ ଭାରତୀୟ ଶିକ୍ଷାବିକାଶ ସଂସ୍ଥାନ ତରଫରୁ ସଂସ୍ଥାନସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା ଉଦଘାଟନ କରିଥିଲେ। ଏଥିରେ ଗଞ୍ଜାମ ଜିଲାରୁ ୧୫ ବିଦ୍ୟାଳୟରୁ ପ୍ରାୟ ୧୫୦ ପ୍ରକଳ୍ପ ସ୍ଥାନ ପାଇଥିଲା। ୧୫ ଗଣିତ ପ୍ରକଳ୍ପ ସ୍ଥାନପାଇଥିଲା। ଶାନ୍ତନୁପାଣି, ବ୍ରଜମୋହନ ସାବତ, ତୁହାନି ମହାପାତ୍ର, ରାମଚନ୍ଦ୍ର ବିଶୋଇ, ଦୀପକ ପାଢ଼ୀ, ପ୍ରିୟାଂଶୁ ଶେଖର ସାହୁ, ରଞ୍ଜନ କୁମାର ସାହୁ ବିଚାରକ ଥିଲେ। ମହାମଣ୍ଡଳେଶ୍ୱର କମଳାକାନ୍ତ ମହାରାଜ, ଡ଼. ସୁବାଷ ଚନ୍ଦ୍ର ସାହୁ , ଜୟଶେନ ପ୍ରଧାନ, ଡ଼.ତ୍ରିନାଥ ମହାପାତ୍ର ଯୋଗଦେଇଥିଲେ। ରାଜେନ୍ଦ୍ର କୁମାର ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ମୃତ୍ୟୁଞ୍ଜୟ ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ବିଷୋୟୀ ଧନ୍ୟବାଦ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ କୁମୁଦ ରଞ୍ଜନ ପଣ୍ଡାଙ୍କ ସମେତ ଉପସ୍ଥିତ ଥିବା ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ନିଃଶୁଳ୍କ ବୃତ୍ତିଗତ ଚିକିତ୍ସା ଥେରାପି ଶିବିର



ଶିବିରରେ ରୋଗୀଙ୍କୁ ଡାକ୍ତର ସମସ୍ୟା ପଚାରି ବୁଝୁଛନ୍ତି।

ବ୍ରହ୍ମପୁର,୩୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ବୈକୁଣ୍ଠ ନଗର ସ୍ଥିତ କ୍ୟୁରି ଫିଜିଓଥେରାପି ଏବଂ ପୁନର୍ବାସ କେନ୍ଦ୍ରରେ ଏକ ନିଃଶୁଳ୍କ ଅକ୍ୟୁପେସନାଲ (ବୃତ୍ତିଗତ ଚିକିତ୍ସା) ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରିମ୍ସ ସ୍କୁଲର କ୍ରାନିଓସାକ୍ରାଲ ଥେରାପି ବିଶେଷଜ୍ଞ ଡା.ଦୁର୍ଗାପ୍ରସାଦ ମିଶ୍ର ଯୋଗଦେଇ ଅଟିଜିମ,ଏଡିଏଚଡି, ବିକାଶ ଦିଗବନ୍ଧୁତା, ମାନସିକ ପ୍ରତିବନ୍ଧକତା, ବାକ୍ୟ ଓ ଭାଷା ବିଳମ୍ବ ଆଦି ରୋଗ ଉପରେ କହିଥିଲେ। ଅଟିଜିମ ପାଇଁ ବ୍ୟବହାରିକ ଥେରାପି, ବାକ୍ୟ ଓ ଭାଷା ଥେରାପୀ, ଏଡିଏଚଡି ପାଇଁ ବହାରିକ ମୁକାବିଲା, ପିତାମାତାଙ୍କର ପ୍ରଶିକ୍ଷଣ, ଏବଂ ସ୍କୁଲରେ ସମର୍ଥନ ଦ୍ୱାରା ଦୂର ହେବ। ବିଶେଷ ଶିକ୍ଷା ମୁକାବିଲା, ଟ୍ୟୁଟରିଂ ବ୍ୟବହାର ଦ୍ୱାରା ଶିକ୍ଷଣ ବୃଦ୍ଧି ପାଇଥାଏ। ପ୍ରାରମ୍ଭିକ ବ୍ୟବସ୍ଥାପନ ସେବା ଦ୍ୱାରା ବିକାଶ ଦିଗବନ୍ଧୁତା ଦୂର ହେବ। ସମର୍ଥନାତ୍ମକ ଶିକ୍ଷା ଥେରାପୀ ମାନସିକ ପ୍ରତିବନ୍ଧକତାରେ ସହାୟ ହେବ। ବାକ୍ୟ ଥେରାପୀ ଦ୍ୱାରା ବାକ୍ୟ ଓ ଭାଷା ବିଳମ୍ବ ସମସ୍ୟା ଦୂର ହୋଇପାରିବ ବୋଲି ବୁଝାଯାଇଥିଲା। କେନ୍ଦ୍ର ମୁଖ୍ୟ ଡା. ସ୍ମୃତିରେଖା ମହାପାତ୍ର, ଡା . ମନିଷା ମହାପାତ୍ର , ଡା . ଲପଶିଖା ପାତ୍ର, ଡା. ସୃଚିସ୍ମିତ ସାହୁ, ଡା. ଶୁଭସ୍ମିତା ପାତ୍ର, ଦେବାଶିଷ ବେହେରା, ଲେଲିନ ସୁପ୍ରିୟା ରାଉତ, ରଂଜିତା ବିଶ୍ୱାଳ, ରଶ୍ମିତା ସେଠୀ, ଲିପି ବେହେରା ଏବଂ ପ୍ରଦୀପ କୁମାର ସାହୁ ସହଯୋଗ କରିଥିଲେ।

# 'ରଘୁନାଥଙ୍କ ଭଳି ନିଃସ୍ୱାର୍ଥପର ଦେଶ ସେବକ ବିରଳ'

ବ୍ରହ୍ମପୁର,୩୦।୯(ସ୍ମୃତି ରଂଜନ ମହାଲିକ)

## ସ୍ୱାଧୀନତା ସଂଗ୍ରାମୀ ରଘୁନାଥ ପଣ୍ଡାଙ୍କ ଜୟନ୍ତୀ

ସ୍ୱାଧୀନତା ସଂଗ୍ରାମୀ ତଥା ଚାଷୀ ନେତା ରଘୁନାଥ ପଣ୍ଡାଙ୍କ ୧୦୭ତମ ଜୟନ୍ତୀ ଗିରି ରୋଡ଼ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଅବନୀ ଗୟା ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସିକା କଲେଜ ଇତିହାସ ବିଭାଗର ପୂର୍ବତନ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ପୂର୍ବତନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟବକ୍ତା, ଗଞ୍ଜାମ ବାର ଏସୋସିଏସନର ପୂର୍ବତନ ସଭାପତି ଆଇନଜୀବୀ ଭଗବାନ ସାହୁ ଏବଂ ଓମ ଲଫିଙ୍ଗ କ୍ଲବର ସଭାପତି ଦେବରାଜ ଦାଶ ସମ୍ମାନନୀୟ ଅତିଥି ଥିଲେ। ମହାତ୍ମା ଗାନ୍ଧିଜୀଙ୍କ ଡାକରାରେ ବ୍ରିଟିଶକୁ ବିରୋଧରେ ସ୍ୱର ଉତ୍ତୋଳନ କରି ସାମନ୍ତବାଦୀ ବ୍ୟବସ୍ଥା, ଜମିଦାରୀ ପ୍ରଥା, ମୁସ୍ତାଦାରୀ ପ୍ରଥା ବିଲୋପ କରିବାକୁ ରଘୁନାଥ ଦାବି କରିଥିଲେ। ୧୯୩୩ରେ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। ଜମିଦାରଙ୍କ ଅଧୀନରେ ଥିବା ହଜାର ହଜାର ଏକର ଜମି ଉପରେ ଭୂମିହୀନ ରୟତଙ୍କ ଅଧିକାରକୁ ସାବ୍ୟସ୍ତ ପାଇଁ ଚାଷୀ ଆନ୍ଦୋଳନ ଆରମ୍ଭ କରିବାରୁ ତତ୍କାଳୀନ ସରକାର ରଘୁନାଥଙ୍କ ସମେତ ବହୁ ବାମପନ୍ଥୀ ଚାଷୀ ନେତାଙ୍କୁ ଗିରିଫ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ୧୯୬୨ରେ ଗୁଣ୍ଠପଡା ଠାରେ ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା। ଗୁଣ୍ଠପଡା ପଞ୍ଚାୟତର ସରପଞ୍ଚ ଥିବା ବେଳେ ଅନେକ ବିକାଶ କରିଥିଲେ। ତେଣୁ ତାଙ୍କ ଭଳି ନିସାର୍ଥପର ଦେଶ ସେବକ ମିଳିବା ବିରଳ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। କବି ପ୍ରଫୁଲ୍ଲ କୁମାର ମହାପାତ୍ର, କୃଷକ ସଂଗଠନ ନେତା ଗୋପାଳ ପାଣିଗ୍ରାହୀ,ପୀତବାସ ମହାପାତ୍ର, ବିଦେଶୀ ନାହାକ,ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ରବୀନ୍ଦ୍ର ପଣ୍ଡା, ସୁରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ସଭାରେ ଉପସ୍ଥିତ ଅତିଥି।

## ମହାଳୟାରୁ ମା'କାଳୁଆଙ୍କ ଯାତ୍ରା ଆରମ୍ଭ

ବ୍ରହ୍ମପୁର,୩୦।୯(ନରସିଂହ ସାହୁ)

### ■ କୁମାର ପୂର୍ଣ୍ଣିମାରେ ସରିବ

ବ୍ରହ୍ମପୁର ଗୋଷାଣି ନୂଆଗାଁର ପ୍ରସିଦ୍ଧ ମା' କାଳୁଆ ଯାତ୍ରା ଅକ୍ଟୋବର ୨ତାରିଖ ମହାଳୟା ଅମାବାସ୍ୟା ରାତିରୁ ଆରମ୍ଭ ହେବ। ଏହା ୧୬ ତାରିଖ କୁମାର ପୂର୍ଣ୍ଣିମା ରାତିରେ ଯାତ୍ରା ଉଦଯାପିତ ହେବ ବୋଲି ସୋମବାର ଯାତ୍ରା ପରିଚାଳନା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ସଭାପତି ଜଗନ୍ନାଥ ଚୌଧୁରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବୁଧବାର ମହାଳୟା ଅମାବାସ୍ୟା ସନ୍ଧ୍ୟାରେ ଅଞ୍ଚଳବାସୀ ବଡ଼ ସାହିସ୍ଥ ପୂଜା ମଣ୍ଡପ ନିକଟରେ ଏକାଠି ହେବେ। ମା'ଙ୍କୁ ବାପ ଘରକୁ ଆସିବା ପାଇଁ ନିମନ୍ତ୍ରଣ କରିବାକୁ ବିଶାଳ ଶୋଭାଯାତ୍ରାରେ ସ୍ଥାୟୀ ମନ୍ଦିରକୁ ଯିବେ। ସେଠାରେ ନୀତି କାନ୍ତି ପ୍ରକାରେ ପୂଜାର୍ଚ୍ଚନା କରାଯିବ। ଆଜ୍ଞାମାଳ ଖସିବା ପରେ ମା' ବାପ ଘରକୁ ବିଜେ କରିବାର ସଙ୍କେତ ମିଳିବ। ଶଙ୍ଖ ମହୁରୀ ଓ ବାଦ୍ୟ ବାଜଣା ସହ ଆଜ୍ଞାମାଳକୁ ପୂଜା ମଣ୍ଡପକୁ ଅଣାଯାଇ ଆନୁଷ୍ଠାନିକ ଭାବେ ସ୍ଥାପନ କରାଯାଇ ୧୫ ଦିନିଆ ଯାତ୍ରା ଆରମ୍ଭ ହେବ। କାଳୁଆ ଠାକୁରାଣୀଙ୍କ ଫୁଲଘଟ ସ୍ଥାୟୀ ମନ୍ଦିର ଠାରୁ ବାହାରି ୫୦ରୁ ଅଧିକ ସାହି ପରିକ୍ରମା ବେଳେ ସମସ୍ତଙ୍କ ଘର ଆଗରେ ପୂର୍ଣ୍ଣକୁମ୍ଭ ରଖାଯିବାର ପରମ୍ପରା ରହିଛି। ମା'ଙ୍କ ପ୍ରିୟ ଗଇଁଠା ଖିରି ଭୋଗ ଲାଗିବ। ଆରମ୍ଭରୁ ଯାତ୍ରା ଶେଷ ପର୍ଯ୍ୟନ୍ତ ଅସ୍ଥାୟୀ ପୀଠରେ ମା' ପୂଜା ପାଇବେ। ଶେଷ ରାତ୍ରରେ ମଧ୍ୟ ସବୁ ସାହି ପରିକ୍ରମା କରି ସ୍ଥାୟୀ ପୀଠକୁ ବିଜେ କରିବେ। ଯାତ୍ରା ପାଇଁ ଏବେଠୁ ଗୋଷାଣି ନୂଆଗାଁରେ ପ୍ରସ୍ତୁତି ଜୋରଦାର ହୋଇଛି। ଯାତ୍ରା ଅବଧି ମଧ୍ୟରେ ସବୁ ସାହିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯାତ୍ରା ଶୃଙ୍ଖଳିତ ଭାବେ ସମାପନ ଲାଗି ପ୍ରଶାସନ ଓ ପୋଲିସର ସହଯୋଗ ଲୋଡ଼ାଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ମା'ଙ୍କ ଆଳତି ଦର୍ଶନ ପାଇଁ ପ୍ରବଳ ଗହଳି ହେବ। ସେଥିପାଇଁ କମିଟି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ଖବରଦାତା ସମ୍ମିଳନୀରେ ସମ୍ପାଦକ ରତ୍ନ ପଣ୍ଡା ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଯାତ୍ରା କମିଟି କର୍ମକର୍ତ୍ତା।

